## ସଂକ୍ଷେପରେ

### ପଥର ଛେଚି ହୋଇ କଟିଲା ଛାତ୍ରଙ୍କ ୨ ଅଙ୍ଗୁଳି



ପାତ୍ରପୁର,୨୭।୩(ଡି.ଏନ୍.ଏ.)ପାତ୍ରପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ଚାଈଁଢ଼ାଖୋଲ ଗ୍ରାମରେ ବୁଧବାର ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ପଥର ଛେଚି ହୋଇ ୨ଟି ଅଙ୍ଗୁଳି କଟିଯାଇଛି। ସେ ହେଲେ ରାମ ଶବରଙ୍କ ସାନ ପୁଅ ଅରୁଣ(୧୩)। ରାମଙ୍କର ଘର ନିର୍ମାଣ କାମ ଚାଲିଥିବା ବେଳେ ସେ ପଥର ନେବା ଆଣିବା କରୁଥିଲେ। କୌଣସି କାରଣରୁ ହାତ ଉପରେ ପଥର ପଡ଼ିଯିବାରୁ ଛାତ୍ରର ଡ଼ାହାଣ ହାତର ଦୁଇଟି ଅଙ୍ଗୁଳି ହାତରୁ ଅଲଗା ହୋଇଯାଇଥିଲା। ପରିବାର ପକ୍ଷରୁ ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତରିତ କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ହେଲେ ଅର୍ଥାଭାବରୁ ବ୍ରହ୍ମପୁର ନେବାକୁ ପରିବାର ଲୋକଙ୍କ ଅମଙ୍ଗ ହୋଇଥିବା ଜଣାପଡ଼ିଛି।

### ବାରଖମାରେ ପଞ୍ଚୁଦଣ୍ଡ ମିଳନ

ବାଲିଗୁଡ଼ା,୨୭।୩(ଡି.ଏନ୍.ଏ.)-ବାଲିଗୁଡ଼ା ବ୍ଲକ ଅଧୀନ ବାରଖମା ପଞ୍ଚାୟତରେ ପ୍ରଥମ ଥର ପାଇଁ ବାବା ଧବଳେଶ୍ୱର ଦଣ୍ଡ ପରିଚାଳନା କମିଟି ଆନୁକୂଲ୍ୟରେ ଏପ୍ରିଲ ୫ରେ ପଞ୍ଚୁଦଣ୍ଡ ସମାରୋହ ଉତ୍ସବ ପାଳନ କରିବା ପାଇଁ କମିଟିର ସଭାପତି ସୁଶାନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତଙ୍କର ସାହାଯ୍ୟ ସହଯୋଗ ପାଇଁ ସାହୁ ଅନୁରୋଧ କରିଥିଲେ। ଏଥିରେ ବାରଖମାର ଦଣ୍ଡନୃତ୍ୟ ଦଳ ସହ ରେବିଙ୍ଗିଆ, କଟେରିଭଙ୍ଗା, ମେଲ୍‌ସିକିଆ, ପୋଖରୀବନ୍ଧ ଏପରି ୫ଟି ଦଣ୍ଡନୃତ୍ୟ ଦଳ ଯୋଗଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ବିବେକାନନ୍ଦ ସାହୁ, ବିଜୟ କୁମାର ପାତ୍ର, କୃଷ୍ଣଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ସାହୁ ଓ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ୪ ଛାତ୍ରଙ୍କୁ ରାଜ୍ୟପାଳ ପୁରସ୍କାର

ପାତ୍ରପୁର,୨୭।୩(ଡି.ଏନ.ଏ.)- ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଭରତପତି ମହାବିଦ୍ୟାଳୟର ୪ଜଣ ଛାତ୍ରଙ୍କୁ ବୁଧବାର ରାଜ୍ୟପାଳ ପୁରସ୍କାର ମିଳିଛି। ରୋଭର ବିଭାଗରେ ଓଡ଼ିଶାରୁ ୧୫ ହଜାରରୁ ଊର୍ଦ୍ଧ୍ୱଛାତ୍ର ଯୋଗ ଦେଇଥିବା ବେଳେ ପାତ୍ରପୁର ମହାବିଦ୍ୟାଳୟର ୮ ଜଣ ଛାତ୍ର ଭାଗ ନେଇଥିଲେ। ଏଥିରୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ର ସବ୍ୟସାଚୀ ଉଦଣ୍ଡରାୟ, ସୁଶାନ୍ତ କୁମାର ପ୍ରଧାନ, ରତନ କୁମାର ସେଠୀ ଓ ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ର ଦେବାଶିଷ ବେହେରା ଉତ୍ତୀର୍ଣ୍ଣ ହୋଇଥିଲେ। ରାଜ୍ୟର ଭାରତ ସ୍କାଉଟ୍ ଆଣ୍ଡ ଗାଇଡ୍ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦିଆଯାଇଥିବା ବେଳେ କୃତୀ ଛାତ୍ରଙ୍କୁ ରାଜ୍ୟପାଳ ଭବନରେ ଏକ ଉତ୍ସବରେ ପ୍ରଫେସର ଗଣେଶୀ ଲାଲ୍ ମାନପତ୍ର ପ୍ରଦାନ କରିଥିଲେ।

# ଗୋଚ୍ଛାପଡ଼ାରେ ମାଓବାଦୀ ପୋଷ୍ଟର, ଭୋଟ ବର୍ଜନ ଧମକ

ଫିରିଙ୍ଗିଆ,୨୭।୩

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡାର ବିଭିନ୍ନ ସ୍ଥାନରେ ମାଓବାଦୀମାନେ ପୋଷ୍ଟର ମାରିଥିବା ବୁଧବାର ଦେଖିବାକୁ ମିଳିଛି। ପୋଷ୍ଟରରେ କେନ୍ଦ୍ର ବିଜେପି ଫାସିବାଦ ସରକାର ଓ ରାଜ୍ୟ ବିଜେଡି ସରକାରକୁ ଭୋଟ ନ ଦେବାକୁ ଆହ୍ୱାନ ଦେଇଛନ୍ତି। ପୋଲିସ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଷ୍ଟର ଗୁଡିକ ଜବତ କରିଛି। ମାତ୍ର ଏଥର ମାଓବାଦୀଙ୍କ ଏକ ନୂଆ ତରିକା ଦେଖିବାକୁ ମିଳିଛି । ପାହିରାଜୁ ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ବସ୍‌ରେ ଡ୍ରାଇଭର ଓ କଣ୍ଡକ୍ଟର ଥିବାବେଳେ ମାଓବାଦୀମାନେ ସେମାନଙ୍କ ବାର୍ତ୍ତା

### ବସ୍‌ରେ ଲେଖିଲେ ବାର୍ତ୍ତା



ବସ୍‌ରେ ମାଓବାଦୀଙ୍କ ଲେଖା।

ଲେଖିଛନ୍ତି। ପୋଲିସ ବସ୍ ଥାନାକୁ ନେଇ ଲେଖାକୁ ଲିଭାଇ ଥିବା ବେଳେ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ପଚରା ଉଚରା ପରେ ଛାଡିଦେଇଛି। ଗୋଚ୍ଛାପଡା ଥାନାଠାରୁ ମାତ୍ର ୨ କି.ମି. ଦୂର କୁଇ ସମାଜ ସମନ୍ୱୟ ସମିତି କାର୍ଯ୍ୟାଳୟ, ଆଖପାଖରେ ଥିବା ଗଛ, ବାଲନ୍ଦାପଡା, ଖଜୁରୀଗାଁ, ଲୁଇସିଂ, ବୁନ୍ଦୁଲି, କ୍ରାଣ୍ଡିବାଲି ଆଦି ଅଞ୍ଚଳରେ ମଧ ପୋଷ୍ଟର ବ୍ୟାନର ମରାଯାଇଥିବା ଦେଖିବାକୁ ମିଳିଛି । ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ଭାକପା) ବୋଲି ତଳେ ଉଲ୍ଲେଖ ରହିଛି। ଭୋଟବର୍ଜନ କରିବାକୁ ମାଓବାଦୀ ଚେତାବନୀ ଦେଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି। ଏ ନେଇ ଗୋଚ୍ଛାପଡା ଥାନାଧିକାରୀ ଚିତ୍ତରଞ୍ଜନ ବେହେରାଙ୍କୁ ପଚାରିବାରୁ ଆମେ ପୋଷ୍ଟର ବ୍ୟାନର ଆଦି କାଢ଼ିଛୁ। ଲୋକଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦେଇଛୁ ବୋଲି କହିଛନ୍ତି।

# ଖବରଦାତାଙ୍କ ପିତୃ ବିୟୋଗ

ଲଖନପୁର,୨୭।୩(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଧରିତ୍ରୀ ଖବରଦାତା ପ୍ରଭଞ୍ଜନ ମିଶ୍ରଙ୍କ ବାପା ରବୀନ୍ଦ୍ର ମିଶ୍ରଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା । ଗତ କିଛି ଦିନ ହେଲା ସେ ଯକୃତ ଜନିତ ରୋଗରେ ପୀଡିତ ଥିଲେ। ଗତ ଶୁକ୍ରବାର ଗୁରୁତର ହୋଇପଡିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ବୁଧବାର ସକାଳ ପ୍ରାୟ ସାଢ଼େ ୮ଟାରେ ତାଙ୍କର ପରଲୋକ ଘଟିଥିଲା । ଭୁବନେଶ୍ୱରରୁ ତାଙ୍କ ମରଶରୀରକୁ ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ୍ ଡୁରୁମୁ ଗ୍ରାମକୁ ନିଆଯାଇଥିଲା । ସେଠାରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମରଶରୀର ନିକଟରେ ସ୍ତ୍ରୀ ସବିତା କୁମାରୀ ମିଶ୍ର,



ରବୀନ୍ଦ୍ର ମିଶ୍ର

ବଡପୁଅ ଜ୍ୟୋତିରଞ୍ଜନ ମିଶ୍ର, ସାନପୁଅ ପ୍ରଭଞ୍ଜନ, ଝିଅ ସାଗରିକା ରଥ, ବୋହୂ, ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କ ପ୍ରାର୍ଥୀବ ଶରୀର ସତ୍କାର କରାଯାଇଥିଲା । ବଡପୁଅ ଜ୍ୟୋତିରଞ୍ଜନ ମୁଖାଗ୍ନୀ ଦେଇଥିଲେ।

## କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ବୈଠକ

# ବିଧାୟକ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ, ଦଳ ଛାଡ଼ିବା ନିଷ୍ପତ୍ତି

ପୁରୁଷୋତ୍ତମପୁର,୨୭।୩(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକ ପାଣ୍ଡିଆ ଜଉଗଡ଼ଠାରେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିବା ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ସୀତାରାମ ପାଣିଗ୍ରାହୀଙ୍କ ସମେତ ପିସିସି ସଭ୍ୟ ପ୍ରଦୀପ କୁମାର ପଲେଇ, ରବୀନ୍ଦ୍ର ବିଷୋୟୀ, ସମିତି ସଭ୍ୟ ମନୋଜ ଭୂୟାଁ, ଚିରଞ୍ଜୀବୀ ବିଷୋୟୀ, ଧରଣୀଧର ବେହେରା, ଶ୍ରୀକାନ୍ତ କୁମାର ସାମନ୍ତରା, ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ସହ ପୁରୁଷୋତ୍ତମପୁର କବିସୂର୍ଯ୍ୟନଗର ଓ ବେଗୁନିଆପଡ଼ା ଆଦି ବ୍ଲକର ୪୦ ପଞ୍ଚାୟତର କଂଗ୍ରେସ ଦଳର ନେତାଙ୍କ ସହ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ବୈଠକରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ଦଳ ପକ୍ଷରୁ ଦିଆଯାଇଥିବା ବିଧାୟକ ପ୍ରାର୍ଥୀଙ୍କୁ ନେଇ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଆଇସିସି ଓ ପିସିସି ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ୍ ନ ଦେଇ ମନଇଚ୍ଛା ପ୍ରାର୍ଥୀ ଚୟନ କରିଥିବା ଅଭିଯୋଗ କରିଥିଲେ। କଂଗ୍ରେସକୁ ମଜଭୁତ କରିବା ପାଇଁ ରାଜ୍ୟ ଓ ଜାତୀୟ ସ୍ତରର ନେତାମାନେ ଚାହୁଁ ନ ଥିବା କହି ସମସ୍ତେ କଂଗ୍ରେସ ଦଳ ଛାଡ଼ିବା ଲାଗି ମତ ପ୍ରକାଶ କରି ସୀତାରାମଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଖୁବ୍‌ଶୀଘ୍ର ଦଳ ଛାଡ଼ିବା ପାଇଁ ନିଷ୍ପତ୍ତି ନିଆଯିବ ବୋଲି ପାଣିଗ୍ରାହୀ କହିଛନ୍ତି।

# ଓଡ଼ିଆ ଯବାନଙ୍କ ଆତ୍ମହତ୍ୟା

ମୋହନା,୨୭।୩(ଡି.ଏନ୍.ଏ.)

ପଶ୍ଚିମବଙ୍ଗଳ ପତିରା ବର୍ଡରରେ ନିୟୋଜିତ ଜଣେ ଓଡିଆ ବିଏସ୍ଏଫ୍ ଯବାନ ମଙ୍ଗଳବାର ରାତିରେ ନିଜ ସର୍ଭିସ ରାଇଫଲରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ଯବାନ ଗଜପତି ଜିଲା ଅଡବା ଥାନା ଝିଲିକି ଗ୍ରାମର ସାଗର ଗୌଡ। ମଙ୍ଗଳବାର ରାତିରେ ବିଏସ୍ଏଫ୍ କାର୍ଯ୍ୟାଳୟରୁ ଫୋନ୍ ଯୋଗେ ଡେପୁଟି କମାଣ୍ଡାଣ୍ଟ ରଣାନନ୍ଦ ଯାଦବ ଏହି ଖବର ଦେଇଥିବା ତାଙ୍କ ବାପା ନୃସିଂହ କହିଛନ୍ତି। କୌଣସି କାରଣରୁ ସେ ମାନସିକ ଭାରସାମ୍ୟ ହରାଇ ଏପରି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ଏନେଇ ଅଧିକ



ସାଗର ଗୌଡ

ତଦନ୍ତ ଚାଲିଛି, ମୃତଦେହ ବ୍ୟବଚ୍ଛେଦ ପରେ ଘରକୁ ପଠାଯିବ ବୋଲି ଡେପୁଟି କମାଣ୍ଡାଣ୍ଟ ଯାଦବ କହିଥିଲେ।

ପ୍ରକାଶ ଯେ, ସାଗରଙ୍କର ଆସନ୍ତା ମେ' ମାସରେ ବିବାହ ସ୍ଥିର ହୋଇଥିବାବେଳେ ମାର୍ଚ୍ଚ ୨୮ରେ ନିର୍ବନ୍ଧ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ମାତ୍ର ହଠାତ୍ ଏପରି ମୃତ୍ୟୁ ଖବର ପାଇ ପରିବାରବର୍ଗ ଓ ଗ୍ରାମବାସୀ ଦୁଃଖରେ ଭାଙ୍ଗି ପଡିଛନ୍ତି। ସାଗରଙ୍କ ୩ ଭାଇ ଓ ଗୋଟିଏ ଭଉଣୀ। ବାପା ଚାଷ କାର୍ଯ୍ୟ କରୁଥିବାବେଳେ ସାଗରଙ୍କ ଉପରେ ପରିବାର ନିର୍ଭର କରୁଥିଲା।



କେ. ବରିଡ଼ା ସେବା ସମବାୟ ସମିତିକୁ ଏକ ଶ୍ରେଷ୍ଠ ସମିତି ଗଠନ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ସହଯୋଗ କାମନା କରିବା ସହ ସମସ୍ତେ ସୁଖ ଶାନ୍ତିରେ ରହିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।

**ସୀମାଞ୍ଚଳ ମହାରଣା**

କେ. ବରିଡ଼ା ସେବା ସମବାୟ ସମିତି, ବେଗୁନିଆପଡ଼ା ବ୍ଲକ



ତାଳସର ସେବା ସମବାୟ ସମିତିର ସମସ୍ତ ଜନସାଧାରଣ ସୁଖ, ଶାନ୍ତିରେ ବନ୍ଧୁତ୍ୱ ସ୍ଥାପନ କରି ଭାଇ ଭାଇ ହୋଇ ଚଳିବା ସହ ସମିତିର ଉନ୍ନତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।

**ନିଳି କୁମାରୀ ଜେନା**

ସମ୍ପାଦକ, ତାଳସର ସେବା ସମବାୟ ସମିତି, ବେଗୁନିଆପଡ଼ା ବ୍ଲକ



ବେଗୁନିଆପଡ଼ା ବ୍ଲକ ଓ ଏସ୍.ଛଚିନା ସେବା ସମବାୟ ସମିତିର ଚାଷୀ ଭାଇମାନଙ୍କ ଉନ୍ନତି କାମନା କରିବା ସହିତ ସୁଖ ଶାନ୍ତି ଏବଂ ମୈତ୍ରୀର ବନ୍ଧନରେ ବାନ୍ଧି ହୋଇ ସହଯୋଗରେ ସମସ୍ତ କାମ କରିବା ପାଇଁ ଜଗତରନାଥ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।

**ନୀଳାଞ୍ଚଳ ନାୟକ**

ସମ୍ପାଦକ, ଏସ୍.ଛଚିନା ସେବା ସମବାୟ ସମିତି, ବେଗୁନିଆପଡ଼ା ବ୍ଲକ



ଅଙ୍ଗାରଗାଁ ସେବା ସମବାୟ ସମିତିର ସମସ୍ତ ଜନସାଧାରଣ ଶାନ୍ତି, ମୈତ୍ରୀ ଓ ଭାଇଚାରା ମନୋଭାବ ନେଇ ଉନ୍ନତି ପଥରେ ଆଗେଇ ନେବା ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ବସନ୍ତ କୁମାର ଭୂୟାଁ**

ସମ୍ପାଦକ, ଅଙ୍ଗାରଗାଁ ସେବା ସମବାୟ ସମିତି, ବେଗୁନିଆପଡ଼ା ବ୍ଲକ



କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ଓ ବେଗୁନିଆପଡ଼ା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ। ଶାନ୍ତି, ମୈତ୍ରୀ ଓ ପ୍ରୀତିରେ ଭାଇଚାରା ମନୋଭାବ ନେଇ ଚାଲିବା ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।

**ଚରଣ ନାୟକ**

ସମ୍ପାଦକ, ଗାଁ ସାଥୀ ସଂଘ, ବେଗୁନିଆପଡ଼ା ବ୍ଲକ



ଷଣ୍ଢମୂଳ ସେବା ସମବାୟ ସମିତିକୁ ଏକ ଶ୍ରେଷ୍ଠ ସମିତି ଗଠନ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ସହଯୋଗ କାମନା କରିବା ସହ ସମସ୍ତେ ସୁଖ ଶାନ୍ତିରେ ରହିବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।

**ବୁଲା ଡାକୁଆ**

ଷଣ୍ଢମୂଳ ସେବା ସମବାୟ ସମିତି, ବେଗୁନିଆପଡ଼ା ବ୍ଲକ

# ଓଡ଼ିଶା ଦିବସ ପାଳନ ନେଇ ପ୍ରତିଯୋଗିତା

ଛତ୍ରପୁର,୨୭।୩(ଡି.ଏନ.ଏ)

ଛତ୍ରପୁରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୮୪ ତମ ଓଡ଼ିଶା ଦିବସ ପାଳନ ନେଇ ବୁଧବାର ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରାଥମିକ ସ୍କୁଲ ସ୍ତରରେ ପୁତିଗୋପାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଶିଷ କୁମାର ଶତପଥୀ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତ୍ୟାଶା ଶତପଥୀ ଦ୍ୱିତୀୟ, ଏକ୍ସବୋର୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟର ଏମ୍ ମେଘନା ରାଓ ତୃତୀୟ, ଉଚ୍ଚ ପ୍ରାଥମିକ ସ୍କୁଲ ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଜ୍ଞୁକ୍ତା ରାଣୀ ମହାନ୍ତି ପ୍ରଥମ, ପୋଲିସ ବାରାକ ଉଚ୍ଚପ୍ରାଥମିକ ସ୍କୁଲର ବଦ୍ରିନାଥ ମିଶ୍ର ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅନୁଶ୍ରୀ ସାହୁ ତୃତୀୟ, ହାଇସ୍କୁଲ ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କ୍ରିର୍ତିକା ସେନାପତି ପ୍ରଥମ, ବିଷ୍ଣୁ ପ୍ରିୟା ସାହୁ ଦ୍ୱିତୀୟ ଏବଂ କଲେଜ ସ୍ତରରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ସୁସ୍ମିତା ପଣ୍ଡା ପ୍ରଥମ, ରଶ୍ମିତା ରଞ୍ଜନ ମହାପାତ୍ର ଦ୍ୱିତୀୟ ଓ ସାଗର ବେହେରା ତୃତୀୟ ହୋଇଛନ୍ତି। ବିଚାରକ ଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଓ ଶିକ୍ଷାବିତ୍ ଲକ୍ଷ୍ମଣ ପଣ୍ଡା ଯୋଗଦେଇଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚୀ ନାରାୟଣ ପ୍ରଧାନ ଏହାକୁ ସଂଯୋଜନା କରିଥିଲେ ।

# ଏଆଇସିସିକୁ ଇସ୍ତଫା ପତ୍ର ପଠାଇଲେ ଯାକବ

## ବିଧାୟକ ପଦରୁ ଇସ୍ତଫା ଦେବାକୁ ଭୁବନେଶ୍ୱର ଗଲେ

ଦାରିଙ୍ଗବାଡ଼ି,୨୭।୩(ଡି.ଏନ.ଏ.) କନ୍ଧମାଳ ଜିଲା ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ଯାକବ ପ୍ରଧାନ ନିଜ ଦଳ ଛାଡ଼ିଥିବା କହିଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ଏଆଇସିସି ( ଅଲ ଇଣ୍ଡିଆ କଂଗ୍ରେସ କମିଟି) ସଭାପତି ରାହୁଲ ଗାନ୍ଧୀଙ୍କ ସମେତ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ନିକଟକୁ ଇସ୍ତଫାପତ୍ର ପଠାଇଥିବା କହିଛନ୍ତ। ସେ ବିଧାୟକ ପଦରୁ ମଧ ଇସ୍ତଫା ଦେବାକୁ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ସୂଚନା ଦେଇଛନ୍ତି। ତାଙ୍କର ଏଭଳି ଘୋଷଣା ପରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ କର୍ମୀ ଏହାକୁ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ସେମାନେ ଆଉ ଯାକବଙ୍କୁ ଚାହୁଁ ନ ଥିବା କହିଥିବା ବେଳେ ଯାକବଙ୍କ ପ୍ରକୃତ ସମର୍ଥକଙ୍କ ମହଲରେ ନିରାଶ ଭାବ ଦେଖାଯାଇଛି।



ଯାକବ ପ୍ରଧାନ।

ସୂଚନାଯୋଗ୍ୟ, ଚଳିତ ନିର୍ବାଚନ ଲଢ଼ିବା ପାଇଁ ଯାକବଙ୍କୁ ଦଳ ଟିକେଟ ନ ଦେଇ ଶ୍ୟାମଘନ ପ୍ରଧାନଙ୍କୁ କଂଗ୍ରେସ ପକ୍ଷରୁ ବିଧାନସଭା ପ୍ରାର୍ଥୀ ପାଇଁ ଟିକେଟ ପ୍ରଦାନ କରାଯାଇଛି। ଫଳରେ ଯାକବ ଏଥିରେ ତାଙ୍କୁ ଅପମାନିତ କରାଯାଇତଥିବା ବେଳେ ଦଳ ତାଙ୍କୁ ଅଣଦେଖା କରିଥିବା ଅଭିଯୋଗରେ ମଙ୍ଗଳବାର ସ୍ୱାଧୀନ ପ୍ରାର୍ଥୀ ଭାବେ ସେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବୁଧବାର ନାମାଙ୍କନ ପତ୍ର କାଏମ ହେବା ପରେ ସେ ଭୁବନେଶ୍ୱର ଯାଉଥିବା କହିଛନ୍ତି।



## ସଂକ୍ଷେପରେ

### ଜେଲ ଗଲେ ବଳାତ୍କାରୀ

**ବ୍ରହ୍ମପୁର ଅଫିସ,୨୭।୩:** ଜନୈକା ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ଆଙ୍କୁଲି ମାଳିସାହିର କାଳିଆ ଚର୍ଚ୍ଚି (୨୫) ବୋଲି ପୋଲିସ କହିଛି। ନଂ. ୬୨/୧୯ରେ ମାମଲା ରୁଜୁ ପରେ ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ କାଳିଆଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସାରଦା ପ୍ରସାଦ ଦାସ କହିଛନ୍ତି। ପ୍ରକାଶ ଯେ, ଗତ ୨୨ ତାରିଖ ରାତି ପ୍ରାୟ ୧୧ଟା ବେଳେ ନାବାଳିକା ଜଣକ ଘରେ ଥିବା ବେଳେ କାଳିଆ କୌଶଳକ୍ରମେ ସେଠାରେ ପହଞ୍ଚି ନାବାଳିକାଙ୍କ ପାଟିକୁ କପଡ଼ାରେ ଜାବୁଡ଼ି ଧରି ଅପହରଣ କରି ନେବାପରେ ବଳାତ୍କାର କରିଥିବା ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିଥିଲେ ।

### ଲାଞ୍ଚୁଆ ରାଜସ୍ୱ ନିରୀକ୍ଷକଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୨୭।୩:** ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଜୟ କୁମାର ମିଶ୍ର ଲାଞ୍ଚୁଆ ରାଜସ୍ୱ ନିରୀକ୍ଷକ (ଆରଆଇ) ଚିନ୍ତାମଣି ପାଣିଗ୍ରାହୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତପନ କୁମାର ଦାଶ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ । ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ଗଜପତି ଜିଲା ଆର.ଉଦୟଗିରି ତହସିଲ ଛେଲାଗଡ଼ ରାଜସ୍ୱ ନିରୀକ୍ଷକ ଚିନ୍ତାମଣି ପାଣିଗ୍ରାହୀ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ। ଅନ୍ତରବାର ଯୁକ୍ତ ୩ର ଜଣେ ଛାତ୍ର ବିକ୍ରମ ରଇତଙ୍କ ଜାତିଗତ ପ୍ରମାଣପତ୍ର, ବାସିନ୍ଦା ସାର୍ଟିଫିକେଟ ଓ ଆୟ ସାର୍ଟିଫିକେଟ ପାଇଁ ଆରଆଇ ପାଣିଗ୍ରାହୀ ୧ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଘଟଣା ଦିନ ସେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ କେସ୍ ନଂ. ୭/୧୯ରେ ଆରଆଇଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ବୁଧବାର ଭିଜିଲାନ୍ସ ବିଭାଗ ପକ୍ଷରୁ କୋର୍ଟରେ କେସ ଡ଼ାଏରୀ ଦାଖଲ କରାଯାଇଥିଲା। ଜାମିନ ଶୁଣାଣି ବେଳେ ଉଭୟ ଓକିଲଙ୍କ ମଧ୍ୟରେ ଜବାବ ସୁଆଲ ହୋଇଥିଲା। ଶେଷରେ ଜଜ୍ ବିଜୟ କୁମାର ମିଶ୍ର ଆରଆଇଙ୍କୁ ଜାମିନ ପ୍ରଦାନ କରିଥିବା ତାଙ୍କ ଓକିଲ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ବିଜେଡିର ୫ ବିଧାୟକ, ଜଣେ ଏମ୍‌ପିଙ୍କ କଟିଛି ଟିକେଟ

**ବ୍ରହ୍ମପୁର ଅଫିସ,୨୭।୩**

ଚଳିତ ବର୍ଷର ନିର୍ବାଚନରେ ପୁଣି ଟିକେଟ ପାଇବାର ଆଶା ରଖିଥିଲେ ଗଞ୍ଜାମ ଜିଲାର ୫ ବିଜେଡି ବିଧାୟକ ଓ ବ୍ରହ୍ମପୁର ଲୋକ ସଭା ଏମ୍‌ପି ସିଦ୍ଧାନ୍ତ ମହାପାତ୍ର । ହେଲେ ସେମାନଙ୍କୁ ମିଳିଲା ନାହିଁ ଟିକେଟ। ସୂଚନାଯୋଗ୍ୟ, ଜିଲାର ୧୩ ବିଧାନସଭା କ୍ଷେତ୍ରରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀମାନେ ବିଜୟବାନା ଉଡ଼ାଇଥିଲେ । ବିରୋଧୀ କଂଗ୍ରେସ, ଭାଜପା ଓ ବାମପନ୍ଥୀ ଦଳ ମୂଳପୋଛ ହୋଇଯାଇଥିଲେ । ଦୁଇଟିଯାକ ଲୋକ ସଭା ଆସନରେ ମଧ୍ୟ ବିଜେଡି ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ମାସକ ପୂର୍ବରୁ ଆସିକା ଏମ୍‌ପି ଲଡ୍ଡୁ କିଶୋର ସ୍ୱାଇଁ ଆରପାରିକୁ ଚାଲି ଯାଇଥିଲେ । ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ତୃତୀୟଥର ଟିକେଟ ପାଇ ହାଟ୍ରିକ ଅର୍ଜନ କରିବାର ସ୍ୱପ୍ନ ଦେଖିଥିଲେ। ତେବେ ବିଜେଡି ଟିକେଟ ନ ଦେବାରୁ ତାଙ୍କ ସ୍ୱପ୍ନ ସାକାର ହୋଇପାରିଲା ନାହିଁ।

ଛାତ୍ର ଜୀବନରୁ କଂଗ୍ରେସ ରାଜନୀତିରେ ଥିବା ଚନ୍ଦ୍ରଶେଖର ସାହୁ ୨୦୧୮ ଏପ୍ରିଲ ୪ରେ ଦଳବଦଳ କରି ବିଜେଡିରେ ଯୋଗ ଦେଇଥିଲେ । ବିଜେଡି ସୁପ୍ରିମୋ ସାହୁଙ୍କୁ ଗୁରୁତ୍ୱ ଦେଇ ତାଙ୍କୁ ବ୍ରହ୍ମପୁର ଲୋକ ସଭା ଆସନରେ ପ୍ରାର୍ଥୀ କଲେ । ଏହା ସିଦ୍ଧାନ୍ତଙ୍କୁ ବାଧିଲା ବୋଲି ଆଲୋଚନା ହେଉଛି। ତେଣୁ ଟିକେଟ ବଣ୍ଟନ ପ୍ରକ୍ରିୟାଠାରୁ ମହାପାତ୍ର ଅଦୃଶ୍ୟ ହୋଇଯାଇଛନ୍ତି । ଦଳ କାର୍ଯ୍ୟକ୍ରମରେ ସାମିଲ ହେଉନାହାନ୍ତି । ୨୦୦୯ ଓ ୨୦୧୪ ନିର୍ବାଚନରେ ସିଦ୍ଧାନ୍ତ ଲଗାତର ଦୁଇଥର ଏମ୍‌ପି ହୋଇଥିଲେ। ଅପରପକ୍ଷେ ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଲଗାତର ୧୦ ଥର ବିଧାୟିକା ହୋଇଥିବା ଭି. ସୁଗ୍ଯାନ କୁମାରୀ ଦେଓଙ୍କୁ ମଧ୍ୟ ଏଥରେ ପ୍ରାର୍ଥୀ କରିନାହିଁ ବିଜେଡି । ଏହା ଜିଲା ରାଜନୀତିରେ ବେଶ ଚର୍ଚ୍ଚା ହୋଇଥିଲା । ସେ ଚୁପ୍ ରହିଥିଲେ ମଧ୍ୟ ତାଙ୍କ ଅନୁଗାମୀ ଓ ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା ସୁଗ୍ଯାନଙ୍କ ବହୁ ସମର୍ଥକଙ୍କ ସହିତ ଭାଜପାରେ ଯୋଗ ଦେଇଛନ୍ତି । ଫଳରେ ଚଳିତ ନିର୍ବାଚନରେ ନୂଆ ବିଜେଡି ପ୍ରାର୍ଥୀଙ୍କୁ ଅଡୁଆ ହେବାର ବିଭିନ୍ନ ମହଲ ଚର୍ଚ୍ଚା ହେଉଛି । ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ଆସନରେ ବିଜେଡିର ଦୁଇ ମହିଳା ପ୍ରାର୍ଥୀ ହୋଇଛନ୍ତି ।

> **ଗଞ୍ଜାମ ଜିଲା**
> - ଦଳ ବଦଳକାରୀଙ୍କୁ କରାଯାଇଛି ପ୍ରାର୍ଥୀ
> - କାଳ ହେବେ ମାଳ ମାଳ ବିଦ୍ରୋହୀ

ସେହିପରି ବ୍ରହ୍ମପୁର ସେଗମେଣ୍ଟରୁ ୫ ଥର ବିଧାୟକ ହୋଇଥିବା ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ବିଜେଡି ଟିକେଟରୁ ବଞ୍ଚିତ ହୋଇଛନ୍ତି । ୨୦୦୦ରୁ ୨୦୧୪ ଯାଏ ହୋଇଥିବା ୪ ନିର୍ବାଚନରେ ଚ୍ୟାଉ ପଟ୍ଟନାୟକଙ୍କ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱୀ ବିକ୍ରମ ପଣ୍ଡା ମଧ୍ୟ ଏଆଇସିସି ସଭ୍ୟ ପଦରୁ ଇସ୍ତଫା ଦେଇ ଗତବର୍ଷ ବିଜେଡିରେ ସାମିଲ ହୋଇଥିଲେ । ସେ ଏବେ ବ୍ରହ୍ମପୁର ଆସନରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି । ଏଥିଯୋଗୁ ଚ୍ୟାଉ ପଟ୍ଟନାୟକ ଓ ତାଙ୍କ ଅନୁଗାମୀମାନେ ଅସନ୍ତୁଷ୍ଟ ହୋଇଛନ୍ତି । ବିଦ୍ରୋହୀ ସାଜିବା ପରେ ଦଳ ସୁପ୍ରିମୋ ତାଙ୍କୁ ଭବିଷ୍ୟତ ଲୋଭ ଦେଖାଇଛନ୍ତି । ବିକ୍ରମ ଓ ଚନ୍ଦ୍ରଶେଖରଙ୍କ ନିର୍ବାଚନୀ ପ୍ରଚାର ପାଇଁ ମୁଖ୍ୟ କରାଯାଇଛି ।

ଆସିକା ବିଧାୟକ ଦେବରାଜ ମହାନ୍ତିଙ୍କ ବିଜେଡି ଟିକେଟ କଟିବାରୁ ସେ ଭାଜପାରେ ଯୋଗଦେଇ ପ୍ରାର୍ଥୀ ମଧ୍ୟ ହୋଇଛନ୍ତି । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଟିକେଟ କଟିଛି । ସେ ଖୋଲାଖୋଲି ବିଦ୍ରୋହୀ ହୋଇ ନ ଥିଲେ ମଧ୍ୟ ଅସନ୍ତୁଷ୍ଟ ଅଛନ୍ତି । ଛତ୍ରପୁର ବିଧାୟକ ପ୍ରିୟାଂଶୁ ପ୍ରଧାନ ମଧ୍ୟ ବିଜେଡି ଟିକେଟରୁ ବଞ୍ଚିତ ହୋଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ବେହେରା ଟିକେଟ ପାଇଛନ୍ତି। ୫ ବିଧାୟକଙ୍କର ଟିକେଟ କଟିବା ଦ୍ୱାରା ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ସମସ୍ୟା ଦେଖାଦେବା ଆଲୋଚନା ହେଉଛି । ମାଳ ମାଳ ବିଦ୍ରୋହୀଙ୍କ ଯୋଗୁ ନୂଆ ପ୍ରାର୍ଥୀଙ୍କୁ କାଳ ହେବାର ରାଜନୈତିକ ବିଶ୍ଳେଷକ ଚର୍ଚ୍ଚା କରୁଛନ୍ତି ।

# ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ରାଲିରେ ଗଞ୍ଜାମକୁ ସଫଳତା



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ।

**ବ୍ରହ୍ମପୁର ଅଫିସ,୨୭।୩**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସର ରାଜ୍ୟ ପୁରସ୍କାର ରାଲି ରାଜଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ରାଲିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାଉଟ୍‌ସ ଓ ଗାଇଡ୍‌ସର ମୁଖ୍ୟ କମିଶନର ଦେବୀ ପ୍ରସାଦ ମିଶ୍ର ଓ ରାଜାପାଳଙ୍କ ସଚିବ ମଧୁସୁଦନ ପାଢୀ ଯୋଗ ଦେଇଥିଲେ। ୨୦୧୮ ଶିକ୍ଷା ବର୍ଷରେ ସର୍ବାଧିକ ସ୍କାଉଟ୍ ଏବଂ ଗାଇଡ୍ ସୃଷ୍ଟି କରିବାରେ ଗଞ୍ଜାମ ଜିଲା ଶୀର୍ଷ ସ୍ଥାନ ଅଧିକାର କରିଛି । ଏଣୁ ଗଞ୍ଜାମ ଜିଲାକୁ ରାଜ୍ୟପାଳ ପୁରସ୍କୃତ କରିଥିଲେ। ଗଞ୍ଜାମ ଜିଲା ସ୍କାଉଟ୍‌ସ ଏବଂ ଗାଇଡ୍‌ସର ମୁଖ୍ୟ କମିଶନର୍ ତଥା ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡା ପୁରସ୍କାର ଗ୍ରହଣ କରିଥିଲେ । ଏଥି ସହ ଗଞ୍ଜାମ ଜିଲାସ୍ତରୀୟ କ୍ୟାମ୍ବୋରୀ ୨୦୧୮-୧୯ ରେ ସମସ୍ତ ଜିଲାଠାରୁ ଉନ୍ନତି ଏବଂ ଉତ୍କୃଷ୍ଟ ହୋଇଥିବାରୁ ଗଞ୍ଜାମକୁ ପୁରସ୍କୃତ କରାଯାଇଛି। ଜିଲା ସମ୍ପାଦକ ଭାଗୀରଥି ସ୍ୱାଇଁ ଉପସ୍ଥିତ ରହି ମାନପତ୍ର ଏବଂ ସିଲ୍ଡ ଗ୍ରହଣ କରିଥିଲେ। ଚଳିତ ବର୍ଷ ଗଞ୍ଜାମ ଜିଲାରୁ ୫୨୧ଗାଇଡ୍ ଏବଂ ୨୬୨ସ୍କାଉଟ୍ ରାଜ୍ୟପାଳ ପୁରସ୍କାର ହାସଲ କରିଛନ୍ତି । ଜିଲା କମିଶନର୍ ରାମଚନ୍ଦ୍ର ବିଷୋୟୀ, ସଂଗଠନ କମିଶନର୍ ରାମହରି ସାହୁ, ସ୍କାଉଟ୍ ଟ୍ରେନିଂ କମିଶନର ସ୍ୱପ୍ନା ପାଣିଗ୍ରାହୀ, ସ୍କାଉଟ୍ ମାଷ୍ଟର୍ ବ୍ରଜକିଶୋର ଦାସ, ଶ୍ରୀନୁ ପାତ୍ର, ବି.ତେଜସ ରାଓ ଏବଂ ସୁନୀତା ନାୟକ ଉପସ୍ଥିତ ଥିଲେ ।

## ■ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

# ଗୃହିଣୀଙ୍କ ଦ୍ୱାରା ମଞ୍ଚସ୍ଥ ହେଲା ନାଟକ 'ମୀମାଂସା'




ବିଶ୍ୱ ନାଟକ ଦିବସରେ କଳାକାରଙ୍କ ଶୋଭାଯାତ୍ରା ।

**ବ୍ରହ୍ମପୁର ଅଫିସ,୨୭।୩**

ବ୍ରହ୍ମପୁରରଅଭିନୟଜଗତପକ୍ଷରୁବିଶ୍ୱନାଟ୍ୟ ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଅବସରରେ ଏକ କଳାକାର ଶୋଭଯାତ୍ରା ଆୟୋଜିତ ହୋଇଥିଲା । ଶୋଭଯାତ୍ରା ପୁରୁଣା ବସ୍‌ଷ୍ଟାଣ୍ଡ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରୁ ବାହାରି ସହର ପରିକ୍ରମା କରି ହିଲ୍‌ପାଟଣାସ୍ଥିତ ଲକ୍ଷ୍ମଣ ନାୟକ କମ୍ୟୁନିଟିହଲଠାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ନାଟ୍ୟାନୁଷ୍ଠାନ କଳାକାର, ନାଟ୍ୟକାର ଓ ଅଭିନେତାଙ୍କ ସମେତ କିନ୍ନର ସଂଘ କର୍ମକର୍ତ୍ତା ସାମିଲ ହୋଇଥିଲେ । ଏହାପରେ ହିଲପାଟଣା ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ଡ. ମିହିର କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମଞ୍ଚନାଟକର ଐତିହ୍ୟ ଉପରେ ଆଲୋକପାତ କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭଗବାନ ପାଣିଗ୍ରାହୀ, ଅଶୋକ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ । ମଞ୍ଚନାଟକ ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିବା ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢୀ, ନାଟ୍ୟକାର ରମେଶ ମହାରଣା, ନାଟ୍ୟ ନିର୍ଦ୍ଦେଶକ ତିରୁପତି ସାହୁ, ଅରୁଣ କୁମାର ଶତପଥୀ, ଅଭିନେତା ପ୍ରମୋଦ ଚୌଧୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୱେଷା କଳାକେନ୍ଦ୍ର, ଏକଲବ୍ୟ କଳା ନିକେତନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉଷାରାଣୀ ମହାପାତ୍ର, ରବୀନ୍ଦ୍ର କୁମାର ନାୟକ, ପି.ସୁବାସ ଚନ୍ଦ୍ର ପାତ୍ର, ଇଂ. ମନୋଜ ଦଣ୍ଡପାଟ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଅନୀଲ ପାତ୍ର, ଜୟନ୍ତୀ ମିଶ୍ର, ସୁବାଷ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଗଞ୍ଜାମ କଳା ପରିଷଦ ଓ ମ୍ୟୁଜିକ ସର୍କଲ ପକ୍ଷରୁ ଏହି ଦିବସ ଅବସରରେ ଉତ୍କଳ ଆଶ୍ରମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପରିଷଦ ସଭାପତି ପ୍ରଫେସର କୃଷ୍ଣ ଚନ୍ଦ୍ର ଜେନା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଷଦ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ସିଂ, ନାଟ୍ୟକାର କେଦାର ଆପତା, ଉପସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଢୀ, ସତ୍ୟ ମହାରଣା, କିରଣବାଳା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବାଳଗୋପାଳ ଶତପଥୀଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ ମୀମାଂଶା ମଞ୍ଚସ୍ଥ ହୋଇଥିଲା ।

# ଯୁକ୍ତ ୨ ପରୀକ୍ଷାରେ ଧରାପଡ଼ିଲେ ୮

**ବ୍ରହ୍ମପୁର ଅଫିସ,୨୭।୩**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ସଞ୍ଚାଳିତ ଯୁକ୍ତ ୨ କଳା ଅର୍ଥଶାସ୍ତ୍ର ଓ ଆଇଆରପିଏମ୍ ଏବଂ ଧନ୍ଦାମୂଳକ ଶିକ୍ଷା ଅର୍ଥଶାସ୍ତ୍ର ଓ ଗଣିତ ପରୀକ୍ଷା ବୁଧବାର ଦକ୍ଷିଣାଞ୍ଚଳର ୮ ଜିଲାରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ବୁଧବାର ଅର୍ଥଶାସ୍ତ୍ର ପରୀକ୍ଷାର କେତେକ କେନ୍ଦ୍ରରେ ଅସଦ୍‌ଉପାୟ ଅବଲମ୍ବନ ଅଭିଯୋଗରେ ୮ ଜଣ ପରୀକ୍ଷାର୍ଥୀ ଧରାପଡିଥିବା ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି।

ରାୟଗଡ଼ା ଜିଲା ପଦ୍ମପୁର ଆରଜି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀଙ୍କ ପକେଟରୁ ଡିଏଲସି. ସ୍କ୍ୱାଡ୍ ମୋବାଇଲ ଫୋନ ଜବତ କରିବା ସହ ମାଲ ପ୍ରାକ୍ଟିସରେ ବୁକ କରିଥିବା ବେଳେ ସେହି କେନ୍ଦ୍ରର ଅନ୍ୟ ଜଣେ ପରୀକ୍ଷାର୍ଥୀ ମଧ୍ୟ ଏମ୍‌ପି ହୋଇଛନ୍ତି । ଗଞ୍ଜାମ ଜିଲା ଧରାକୋଟ ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟର ଜଣେ, କୋରାପୁଟ ଜିଲା ସୁନାବେଡ଼ା ଏରୋନେଟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ, ତାରାଭଟ୍ଟ ନରସିଂହ ଉଚ୍ଚ ବିଦ୍ୟାଳୟର ଜଣେ, ବୋରିଗୁମ୍ମା ଭୈରବ ଉଚ୍ଚ ବିଦ୍ୟାଳୟର ଜଣେ ଏବଂ କନ୍ଧମାଳ ଜିଲା ଫିରିଙ୍ଗିଆ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଜଣେ, ଖଜୁରୀପଦା ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ମାଲ ପ୍ରାକ୍ଟିସ ଅଭିଯୋଗରେ ବୁକ ହୋଇଥିବା ଓଝା ସୂଚନା ଦେଇଛନ୍ତି।

# ଜିଆଇଏଏ ପାଇବେ ସତ୍ୟ ମହାରଣା

**ବ୍ରହ୍ମପୁର ଅଫିସ,୨୭।୩**



ଶିଳ୍ପୀ ସତ୍ୟ ମହାରଣା ।

କାଠ, ଚକ ଓ ସାବୁନରେ କ୍ଷୁଦ୍ର ତଥା ଚମତ୍କୃତ କଳାକୃତି କରି ବିଶ୍ୱସ୍ତରରେ ଏକାଧିକ ରେକର୍ଡ ସୃଷ୍ଟି କରିଥିବା ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣା ୫ମ ଜିନିୟସ ଇଣ୍ଡିଆନ ଆଚିଭର୍ସ ଆୱାର୍ଡ(ଜିଆଇଏଏ)ପାଇଁ ମନୋନୀତ ହୋଇଛନ୍ତି । ଏଥିପାଇଁ ଜିନିୟସ ଫାଉଣ୍ଡେଶନ ଓ ୱାର୍ଲ୍ଡ ରେକର୍ଡ ସେକ୍ଟର ଅଫ ଇଣ୍ଡିଆ ପକ୍ଷରୁ ଭାରତ ଓ ଭାରତ ବାହାରୁ ୫୦ ରେକର୍ଡଧାରୀଙ୍କ ଚୟନ କରାଯାଇଥିବା ବେଳେ ଓଡିଶାରୁ ଏକମାତ୍ର ରେକର୍ଡଧାରୀ ଭାବେ ସତ୍ୟ ଚୟନ ହୋଇଛନ୍ତି । ମେ ୧୨ତାରିଖରେ ମୁମ୍ବାଇରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଏହି ଆୱାର୍ଡ ପ୍ରଦାନ କରାଯିବା ନେଇ ଫାଉଣ୍ଡେଶନ ପକ୍ଷରୁ ସୂଚନା ମିଳିଥିବା ସତ୍ୟ କହିଛନ୍ତି । ଗତ ରଥଯାତ୍ରା ଅବସରରେ ସେ ନିର୍ମାଣ କରିଥିବା ୪.୫ ଇଞ୍ଚ ଉଚ୍ଚତାର ବିଶ୍ୱର ସବୁଠାରୁ ଛୋଟ ରଥ ଚକରେ ନିର୍ମିତ ୩ ଏମ୍‌ଏମ୍ ଉଚ୍ଚତାର ବିଶ୍ୱର କ୍ଷୁଦ୍ର ଗଣେଶ କଳାକୃତି ପାଇଁ ଏହି ଆୱାଡ ପ୍ରଦାନ କରାଯାଉଥିବା ସେ ସୂଚାଇଛନ୍ତି।

ସୂଚନାଯୋଗ୍ୟ, ସୋରଡାରେ ଜନ୍ମିତ ଶିଳ୍ପୀ ସତ୍ୟ ଏଥିପୂର୍ବରୁ ୨୦୧୭ ନଭେମ୍ବର ୧୨ରେ ଦିଲ୍ଲୀରେ ଇଣ୍ଡିଆ ବୁକ ଅଫ ରେକର୍ଡ ୱାଲ୍ଡ ଷ୍ଟେଜ କାର୍ଯ୍ୟକ୍ରମରେ ବିଶ୍ୱର ୧୦୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ସମ୍ମାନିତ ହୋଇସାରିଛନ୍ତି । ଏହାବ୍ୟତୀତ କାଠ, ଚକ ଓ ସାବୁନରେ ବିଶ୍ୱର ବହୁ କ୍ଷୁଦ୍ର ଓ ଆକର୍ଷଣୀୟ କଳାକୃତି କରି ରେକର୍ଡ ସେକ୍ଟର, ଇଣ୍ଡିଆ ବୁକ ଅଫ ରେକର୍ଡ, ଏସିଆ ବୁକ ଅଫ ରେକର୍ଡ, ଗ୍ଲୋବାଲ ବୁକ ଅଫ ରେକର୍ଡସରେ ନିଜ ନାମକୁ ସ୍ଥାନିତ କରି ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ନିଜର ବାଲୁକା କଳା ପାଇଁ ମଧ୍ୟ ସେ ବହୁବାର ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବରେ ଭାଗ ନେବାର ସୁଯୋଗ ପାଇଛନ୍ତି । ତେବେ ଏହି ପୁରସ୍କାର ପାଇଁ ସତ୍ୟଙ୍କୁ ବହୁ ଅନୁଷ୍ଠାନ ତଥା ସମ୍ପର୍କୀୟମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ■ କେଏଟିଏସ୍ ଆୟୁର୍ବେଦ କଲେଜରେ ପହଞ୍ଚିଲେ ସିସିଆଇଏମ୍ ଟିମ୍

# ଭିତ୍ତିଭୂମି ଯାଞ୍ଚ କଲେ ୨ ଜଣିଆ ଦଳ

**ବ୍ରହ୍ମପୁର ଅଫିସ,୨୭।୩**

ବ୍ରହ୍ମପୁର ଆଙ୍କୁଶପୁର କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଭିତ୍ତିଭୂମି ଯାଞ୍ଚ ପାଇଁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ସେଣ୍ଟ୍ରାଲ କାଉନସିଲ ଅଫ ଇଣ୍ଡିଆନ ମେଡିସିନ(ସିସିଆଇଏମ)ର ଏକ ୨ ଜଣିଆ ଟିମ୍ ବୁଧବାର ଅପରାହ୍ନରେ ମହାବିଦ୍ୟାଳୟରେ ପହଞ୍ଚିଛନ୍ତି । ଡା. ଅତୁଲ ବର୍ଷନେ ଓ ଡା. ଶମ୍ଭୁନାଥ ଶର୍ମାଙ୍କୁ ନେଇ ଗଠିତ ଦୁଇଜଣିଆ ଟିମ ଦୁଇଦିନ ଧରି ୨୦୧୯-୨୦ ନାମଲେଖା ପାଇଁ ମହାବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମି ଯାଞ୍ଚ କରିବେ । ପ୍ରଥମ ଦିନରେ ଏହି ଦଳ ଅପରାହ୍ନରେ କେଏଟିଏସ୍ ଚିକିତ୍ସାଳୟ ବର୍ହିଃ ବିଭାଗରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ, ଶଲ୍ୟ ବିଭାଗ, କାୟ ବିଭାଗ, ପଞ୍ଚକର୍ମ, ଶାଲକ୍ୟ(ଇଏନ୍‌ଟି) ବିଭାଗ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏହାପରେ ଇନଡୋରରେ ଆବଶ୍ୟକ ଚିକିତ୍ସା ଓ ସୁବିଧା ଅସୁବିଧା ସମ୍ପର୍କରେ ରୋଗୀମାନଙ୍କ ସହ ଆଲୋଚନା କରିଥିଲେ । ହର୍ବାଲ ଗାର୍ଡେନରେ ବୃକ୍ଷରୋପଣ କରିବା ସହ ମହାବିଦ୍ୟାଳୟରେ ଅଧ୍ୟୟନରତ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କ ସହ ଅଧ୍ୟୟନ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ଗୁରୁବାର ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମସ୍ତ ତଥ୍ୟଗତ ରେକର୍ଡକୁ ଯାଞ୍ଚ କରିବେ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡା. ବିପିନ ବିହାରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି। ଚଳିତ ବର୍ଷ ମଧ୍ୟ ମହାବିଦ୍ୟାଳୟରେ ନାମଲେଖା ପାଇଁ ଅନୁମତି ମିଳିବାର ଆଶା ରହିଥିବା ଅଧ୍ୟକ୍ଷ ଡା. ଖୁଣ୍ଟିଆ କହିଛନ୍ତି। ଟିମ ଗସ୍ତବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ସିସିଆଇଏମ ଟିମ ବିଭିନ୍ନ ବିଭାଗ ବୁଲି ଦେଖୁଛନ୍ତି ।

## ■ ଚାମ୍ବର ଅଫ୍ କମର୍ସର ଆଲୋଚନାଚକ୍ର

# ଅସାମାଜିକଙ୍କୁ ମୁଁ ସମର୍ଥନ କରେନି: ବିକ୍ରମ

**ବ୍ରହ୍ମପୁର ଅଫିସ,୨୭।୩**

ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ ବୁଧବାର 'ବ୍ରହ୍ମପୁର ବିକାଶରେ ଜନଭାଗୀଦାରିତା' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଚାମ୍ବର୍ ସଭାପତି ଭି.ଭି. ରାମ ନରସିଂହ ରାଓ ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନା ଚକ୍ରରେ ବିଜେଡି ବ୍ରହ୍ମପୁର ଲୋକ ସଭା ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ ଏବଂ ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ ବିକ୍ରମ ପଣ୍ଡା ଯୋଗଦେଇ ନିଜ ସପକ୍ଷରେ ଭୋଟ୍ ମାଗିଥିଲେ। ପ୍ରଥମେ ବିକ୍ରମ ଉପସ୍ଥିତ ବ୍ୟବସାୟୀଙ୍କୁ ସମ୍ବୋଧିତ କରି କହିଥିଲେ, ବ୍ୟବସାୟୀ ଗୋଷ୍ଠୀ ଭିତରେ ଗୋଟିଏ ଧାରଣା ରହିଛି, ବିକ୍ରମ ଭଲ ଲୋକ। ହେଲେ ତାଙ୍କ ସାଙ୍ଗରେ ଥିବା ଲୋକମାନେ ଭଲ ନୁହଁ ଏହା ଭୁଲ୍ ଧାରଣା। ମୁଁ କେବେ ବି ଅସାମାଜିକଙ୍କୁ ସମର୍ଥନ କରେନି। କୌଣସି ଅସାମାଜିକଙ୍କୁ ଥାନାରୁ ବାହାର କରିବାକୁ ଥାନ ବାରଣ୍ଡା ମାଡ଼ିନି। ବରଂ ବ୍ୟବସାୟୀଙ୍କ ସମସ୍ୟାକୁ ନେଇ ଥାନାକୁ ଯାଇଛି। ଏଣୁ ବ୍ୟବସାୟୀମାନେ ମୋ ବିଷୟରେ ଯେଉଁ ଧାରଣା ମନରେ ରଖିଛନ୍ତି, ତାହାକୁ ବଦଳାନ୍ତୁ ବୋଲି ସେ ନିବେଦନ କରିଥିଲେ। ଏଥି ସହ ବିକ୍ରମ କହିଥିଲେ, ୨୦ବର୍ଷ ହେଲା ରାଜନୀତିରେ ରହିଛି । ବ୍ରହ୍ମପୁରବାସୀଙ୍କୁ ଏବଂ ଏହି ସହରର ସମସ୍ୟାକୁ ଭଲଭାବେ ଜାଣିଛି। ସବୁବେଳେ ଲୋକମାନେ ମୋତେ କହୁଥିଲେ, ରାଇଟ୍ ମ୍ୟାନ୍ ଇନ୍ ରଙ୍ଗ୍ ପାର୍ଟି। ଏଣୁ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ବିଜେଡିରେ ଯୋଗଦେଲୁ। ବ୍ରହ୍ମପୁରବାସୀଙ୍କ ଶ୍ରଦ୍ଧା ଏବଂ ଆଶୀର୍ବାଦ ମିଳିଥିବା ଯୋଗୁ ନିର୍ବାଚନୀ ମଇଦାନକୁ ଓହ୍ଲାଇଛୁ। ଅନ୍ୟପଟେ ବ୍ରହ୍ମପୁରର ବିକାଶ ଦାୟିତ୍ୱ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଛନ୍ତି। ସହରର ବହୁ ବର୍ଷର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ଜାନବିଲି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ଆଉ ତିନିରୁ ଚାରି ମାସ ଭିତରେ ଏହି ପ୍ରକଳ୍ପରୁ ପ୍ରତ୍ୟେକ ଘରକୁ ପାଣି ପହଞ୍ଚିବ। ବଡ଼ ମେଡିକାଲ୍‌ରେ ଡାକ୍ତରଙ୍କ ଅଭାବ ଦେଖାଦେଇଛି। ରାଜ୍ୟବ୍ୟାପୀ ମେଡ଼ିକାଲ୍‌ଗୁଡ଼ିକରେ ସମାନ ସମସ୍ୟା। ସେଥି ପାଇଁ ଅଧିକରୁ ଅଧିକ ମେଡିକାଲ୍ କଲେଜ ଖୋଲାଯାଉଛି। ଖୁବ୍ ଶୀଘ୍ର ଡାକ୍ତର ଅଭାବ ସମସ୍ୟା ଦୂର ହେବ ବୋଲି ବିକ୍ରମ ପ୍ରକାଶ କରିଥିଲେ। ସେହିଭଳି ବିଜେଡ଼ି ତରଫରୁ ବ୍ରହ୍ମପୁର ଲୋକ ସଭା ପାଇଁ ପ୍ରାର୍ଥୀ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ କହିଥିଲେ, ନିର୍ବାଚନରେ ଜିତିବା ହାରିବା ପଛରେ ବହୁତ କାରଣ ଥାଏ । ଗତ ଦୁଇଟି ନିର୍ବାଚନ ହାରିଛି। ହେଲେ ବ୍ରହ୍ମପୁରର ଲୋକଙ୍କ ପାଇଁ ସର୍ବଦା କାର୍ଯ୍ୟ କରିଛି। ମୁଁ ଏ ମାଟିର ପୁଅ, ଏଇଠି ପଢ଼ିଛି । ମୋର ସାଙ୍ଗ ସାଥୀ ସବୁ ଏଇଠି ରହୁଛନ୍ତି। ସମସ୍ତଙ୍କ ସୁଖଦୁଃଖରେ ସାମିଲ୍ ହୋଇଛି। ଏଣୁ ବ୍ରହ୍ମପୁରର ବିକାଶ ପାଇଁ ଆଗାମୀ ଦିନରେ ମଧ୍ୟ କାର୍ଯ୍ୟ କରିବି ବୋଲି ସେ ପ୍ରକାଶ କରିଥିଲେ। ଏଥି ସହ ସେ କହିଥିଲେ, ୨୦୦୪ ଭଳି ୨୦୧୯ ମସିହାରେ ମଧ୍ୟ କେନ୍ଦ୍ରରେ ଆଞ୍ଚଳିକ ଦଳଗୁଡ଼ିକର ଗୁରୁତ୍ୱ ବଢ଼ିବ। କିଛି ଦିନ ପୂର୍ବେ ନବୀନ ପଟ୍ଟନାୟକ ମଧ୍ୟ ଏକଥା କହିଛନ୍ତି। ଓଡ଼ିଶାର ୨୧ରୁ ୨୧ଲୋକ ସଭା ଆସନରେ ବିଜେଡ଼ି ବିଜୟୀ ହେଲେ କେନ୍ଦ୍ର ରାଜନୀତିରେ ଓଡ଼ିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଚାମ୍ବର୍‌ର ସମ୍ପାଦକ ସନ୍ତୋଷ କୁମାର ସାହୁ, ବିଜେଡ଼ି ନେତା ଟି.ଗୋପୀଙ୍କ ସମେତ ବହୁ ବ୍ୟବସାୟୀ ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ଏବଂ ଚାମ୍ବର କର୍ମକର୍ତ୍ତା ।

## ସଂକ୍ଷେପରେ

### ବନ୍ଧୁକ ଜବତ, ଜଣେ ଗିରଫ



**ଜି.ଉଦୟଗିରି, ୨୭।୩(ଡି.ଏନ୍.ଏ.)-** ଜି.ଉଦୟଗିରି ପୋଲିସ ମଙ୍ଗଳବାର ଟିଆମୁକୁଲିଙ୍ଗିଆ ଗ୍ରାମର ଭାଗିରଥୀ ସାହୁଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ କରିବା ସହ ବେଆଇନ ଭାବେ ବନ୍ଧୁକ ରଖିଥିବା ଅଭିଯୋଗରେ ତାଙ୍କୁ ଗିରଫ କରିଛି। ଏନେଇ ନଂ.୪୦/୧୯ରେ ଏକ ମାମଲା ରୁଜୁ କରାଯାଇଥିବା ଜି.ଉଦୟଗିରି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

### ମଦ ଜବତ, ଜଣେ ଗିରଫ

**ଜି.ଉଦୟଗିରି, ୨୭।୩(ଡି.ଏନ୍.ଏ.)-** ଜି.ଉଦୟଗିରି ପୋଲିସ ମଙ୍ଗଳବାର ସନ୍ଧ୍ୟାରେ କଟାବାଲି ଟିଆମୁକୁଲିଙ୍ଗିଆ ଗ୍ରାମର ବିନୋଦ ସାହୁଙ୍କ ଘରେ ଚଢାଉ କରି ୨୦ଲିଟର ଦେଶୀମଦ ଥିବା ଏକ ଜାରକିନ ଜବତ କରିଛି। ଏନେଇ ନଂ.୪୧/୧୯ରେ ଏକ ମାମଲା ରୁଜୁ କରି ବିନୋଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

### ଶିଶୁ ମନ୍ଦିରର ବାର୍ଷିକୋତ୍ସବ

**ବୁଗୁଡ଼ା, ୨୭।୩(ଡି.ଏନ.ଏ.)-** ବୁଗୁଡ଼ା ସାଇ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ସମ୍ପୃକ୍ତ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଶ୍ୟାମ ସୁନ୍ଦର ନାୟକ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଇଓ ରସାନନ୍ଦ କର, ମୁଖ୍ୟବକ୍ତା ରୂପେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ବୁଦ୍ଧଗିରି ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସ୍ୱରୂପ ରଞ୍ଜନ ମହାନ୍ତି, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ସଂସ୍କୃତ ମହାବିଦ୍ୟାଳୟର ନିର୍ଦ୍ଦେଶକ ଦେବୀ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ନିଷ୍ଠାପର ଭାବେ ଅଧ୍ୟୟନ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଶିଶୁ ମନ୍ଦିରର ସମ୍ପାଦକ ଦୁର୍ଗା ପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁରେଶ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଖମ୍ବେଶ୍ୱରୀଙ୍କ ପୀଠରେ ଚୈତ୍ର ମଙ୍ଗଳବାର



**ଆସିକା, ୨୭।୩(ଡି.ଏନ୍.ଏ.)-** ଆସିକାର ଆରାଧ ଦେବୀ ମା' ଖମ୍ବେଶ୍ୱରୀ ଠାକୁରାଣୀଙ୍କ ପୀଠରେ ଚୈତ୍ର ପ୍ରଥମ ମଙ୍ଗଳବାର ପର୍ବ ଶୃଙ୍ଖଳାର ସହ ସମାପନ ହୋଇଛି। ଭୋର ୪ଟାରୁ ମାର୍ଜନା ଓ ପୂଜାର୍ଚ୍ଚନା ପରେ ମାନସିକଧାରୀମାନେ ଶିଶୁଙ୍କ ମୁଣ୍ଡନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସତ୍ୟନାରାୟଣ ସ୍ୱାଇଁ, ଟୁଟୁ ଖଟେଇ, ରଞ୍ଜନ ପଣ୍ଡା, ବିଶିକେଶନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପକେଟମାର୍ ଗିରଫ

**ଆସିକା, ୨୭।୩(ଡି.ଏନ୍.ଏ.):** ଆସିକା ବିଜୁ ପଟ୍ଟନାୟକ ଛକରେ ମଙ୍ଗଳବାର ମଧାହ୍ନରେ ଜଣେ ଯାତ୍ରୀଙ୍କ ପକେଟରୁ ୫ଶହ ଟଙ୍କା ପକେଟ୍‌ମାର କରିଥିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭଞ୍ଜନଗର ଭେଜିପୁଟର ବିଜୟ ସାହୁ। ଅଭିଯୁକ୍ତଙ୍କ ନିକଟରୁ ପୋଲିସ ୫ଶହ ଟଙ୍କା ଉଦ୍ଧାର କରିଛି। କବିସୂର୍ଯ୍ୟନଗର ନିକଟସ୍ଥ ଗୁଡିଆଲି ଗ୍ରାମର ମନମୋହନ ପଣ୍ଡା ଗାଁକୁ ଯିବାକୁ ବସ୍‌ରେ ଚଢୁଥିବାବେଳେ ଅଭିଯୁକ୍ତ ଜଣକ ତାଙ୍କ ପକେଟରୁ ଟଙ୍କା ବାହାର କଲାବେଳେ ଧରାପଡିଯାଇଥିଲେ। ଏନେଇ ମନମୋହନ ଆସିକା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୯୬/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

# ପ୍ରାର୍ଥୀ ଘୋଷଣା ପରେ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ

**ଆର.ଉଦୟଗିରି, ୨୭।୩(ଡି.ଏନ.ଏ.)**

ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଘୋଷଣା ପରେ କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ପ୍ରାର୍ଥୀ ଘୋଷଣା ନ ହେବା ପୂର୍ବରୁ ୩ ଦଳର କର୍ମୀମାନେ ଦଳ ପ୍ରତି ବେଶ ଉତ୍ସାହୀ ଥିବା ବେଳେ ବିଭିନ୍ନ ଦଳର ପ୍ରାର୍ଥୀ ଘୋଷଣା ପରେ କର୍ମୀ ତଥା ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳୁନାହିଁ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ଆଶାୟୀ ପ୍ରାର୍ଥୀ ଭାବେ ବୀର ଭାସ୍କର ପାଇକ, ରଇତ ପାଇକ, ପ୍ରଶାନ୍ତ ମଲିକ, କାମଦେବ ବଡ଼ନାୟକ ଓ ସୁପ୍ରଭା ମଣ୍ଡଳ ରହିଥିଲେ। ଏହି ନିର୍ବାଚନମଣ୍ଡଳୀର ଅଧିକାଂଶ ବ୍ଲକରେ କର୍ମୀ ତଥା ଭୋଟରମାନେ ପୁରୁଣା ନେତା ଭରତ ପାଇକ ଓ ଯୁବପିଢ଼ିଙ୍କୁ ଆକୃଷ୍ଟ କରିଥିବା ଯୁବନେତା ବୀର ଭାସ୍କର ପାଇକ ଏବଂ ମହିଳା ନେତ୍ରୀ ସୁପ୍ରଭା ମଣ୍ଡଳ ଏହି ୩ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଜଣଙ୍କୁ ହେଲେ ଅଞ୍ଚଳର ବିଧାୟକ ପ୍ରାର୍ଥୀ ଭାବେ ଚାହୁଁଥିଲେ। ତେବେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ପ୍ରଶାନ୍ତ ମଲିକଙ୍କ ନାମ ଘୋଷଣା ପରେ ଅଞ୍ଚଳର ଭାଜପା କର୍ମୀ ଏହାକୁ ନାପସନ୍ଦ କରୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସେହିପରି ବିଜେଡିରେ ଚକ୍ରଧର ପାଇକ, ବାସନ୍ତୀ ମଲିକ, ଅନ୍ତର୍ଯାମୀ ଗମାଙ୍ଗ, ଆମସନ ମଲିକ ଓ ବାଳମୁକୁନ୍ଦ ଭୂୟାଁ ପ୍ରମୁଖ ଆଶାୟୀ ପ୍ରାର୍ଥୀ ରହିଥିଲେ। ତେବେ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କ ସ୍ତ୍ରୀ ପୂର୍ଣ୍ଣବାସୀ ନାୟକଙ୍କୁ ଦଳ ପକ୍ଷରୁ ବିଧାୟିକା ପ୍ରାର୍ଥୀ ଘୋଷଣା ପରେ ବିଜେଡି କର୍ମୀ ଓ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫଳରେ ବାସନ୍ତୀ ମଲିକ ଅସନ୍ତୁଷ୍ଟ ହୋଇ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଥିଲେ। ପରେ ବିଜେଡି କର୍ମୀମାନେ ଉତ୍ତେଜିତ ହୋଇ ବିଧାୟିକାଙ୍କ ପୋଷ୍ଟରରେ ନିଆଁ ଲଗାଇ ଦେଇଥିଲେ। ଅନ୍ୟପକ୍ଷରେ ଦଳ ପକ୍ଷରୁ ଘୋଷଣା ହୋଇଥିବା ବିଧାୟିକା ପ୍ରାର୍ଥୀ ପୂର୍ଣ୍ଣବାସୀଙ୍କୁ ତାଙ୍କ ବ୍ଲକର କେତେକ ଅଞ୍ଚଳ ଛାଡ଼ିଦେଲେ ଅନ୍ୟ ଅଞ୍ଚଳ ବା ନିର୍ବାଚନମଣ୍ଡଳୀର ଅଧିକାଂଶ ସ୍ଥାନରେ ନୂଆ ମୁହଁ ଦେଖିଥିବା ଏବଂ ଅନେକ ସ୍ଥାନରେ ତାଙ୍କୁ ବିଧାୟିକା ପ୍ରାର୍ଥୀ ଭାବେ ଇଚ୍ଛା କରୁ ନ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସେହିପରି କଂଗ୍ରେସର ଦାଶରଥି ଗମାଙ୍ଗ ଓ ଜୋନ ଦଳବେହେରା ଆଶାୟୀ ପ୍ରାର୍ଥୀ ଭାବେ ରହିଥିବା ବେଳେ ଦାଶରଥି କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି । ତେବେ ଜୋନ ଦଳବେହେରା ଓ ତାଙ୍କ କର୍ମୀ ଏବଂ ସମର୍ଥିତ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଆଗ ପଛ ହୋଇ ପ୍ରାର୍ଥୀମାନଙ୍କ ନାମ ଘୋଷଣା ପରେ ଆଶାୟୀ ପ୍ରାର୍ଥୀ ଓ ତାଙ୍କ ସମର୍ଥକ କର୍ମୀମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏନେଇ ଭାଜପାର ଆର.ଉଦୟଗିରି ବ୍ଲକ ମଣ୍ଡଳ ସଭାପତି ଭୂଷଣ ପୂଜାରୀ କହିଛନ୍ତି, ଭରତ ପାଇକ ପୁରୁଣା ନେତା ଥିଲେ। ତାଙ୍କ ଦେହ ଅସୁସ୍ଥ ଥିବା ଯୋଗୁ ତାଙ୍କୁ ପ୍ରାର୍ଥୀରୁ ବାଦ ଦିଆଯାଇ ପ୍ରଶାନ୍ତ ମଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଭାଜପା ତରଫରୁ ଯାହାକୁ ପ୍ରାର୍ଥୀ କରିବେ ଆମେ ତାଙ୍କୁ ସହଯୋଗ କରିବୁ ବୋଲି କହିଥିଲେ।

ବିଜେଡିର ଜିଲା ଉପସଭାପତି ଦଣ୍ଡାସି ସାହୁଙ୍କ ସହ ଯୋଗାଯୋଗ ବେଳେ କହିଥିଲେ, ଦଳ ଯାହାକୁ ପ୍ରାର୍ଥୀ ଦେଇଛି ଠିକ୍ ଲୋକଙ୍କୁ ଦିଆଯାଇଛି। ବିଧାୟିକା ବାସନ୍ତୀ ମଲ୍ଲିକଙ୍କୁ ଟିକେଟ ନ ଦେବାର କାରଣ ସେ ବିଧାୟିକା ଥାଇ ମଧ୍ୟ ଦଳକୁ ସୁଦୃଢ଼ କରିପାରି ନ ଥିଲେ । କିମ୍ବା କର୍ମୀମାନଙ୍କୁ ଠିକ୍ ଭାବେ ପରିଚାଳନା କରି ନ ଥିଲେ । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନୂତନ ବିଧାୟିକା ପ୍ରାର୍ଥୀ ଭାବେ ମହିଳାଙ୍କୁ ଦିଆଯାଇଛି। ଏଥିରେ କୌଣସି ପ୍ରକାର ଦଳର ଅସୁବିଧା ହେବ ନାହିଁ। ଦଳକୁ ସେ ସୁଦୃଢ଼ କରିବେ ବୋଲି କହିଥିଲେ। କଂଗ୍ରେସ ବ୍ଲକ ସଭାପତି ଅଭିମନ୍ୟୁ ଗୌଡ଼ଙ୍କ ସହ ଯୋଗାଯୋଗ କରିବାରେ କଂଗ୍ରେସ ତରଫରୁ ଯେଉଁ ବ୍ୟକ୍ତିଙ୍କୁ ବିଧାୟକ ଭାବେ ଟିକେଟ ମିଳିଛି ସେହି ବ୍ୟକ୍ତି ହେଉଛନ୍ତି ଠିକ୍। ସେ ଗତଥର ୧୧୫ଭୋଟରେ ବିଜେଡି ପ୍ରାର୍ଥୀଙ୍କ ନିକଟରୁ ହାରିଥିଲେ । ସେଥିଯୋଗୁ ଦଳ ତାଙ୍କୁ ହିଁ ବିଧାୟକ ପ୍ରାର୍ଥୀ ଭାବେ ଚୟନ କରିଛି ବୋଲି ସେ କହିଥିଲେ ।

## ରାଜଯୋଗ ଦ୍ୱାରା ଆତ୍ମାକୁ ଶାନ୍ତି ମିଳିଥାଏ



ମଞ୍ଚାସୀନ ଅତିଥି ।

**ଭଞ୍ଜନଗର, ୨୭।୩(ଡି.ଏନ.ଏ.)**

ଭଞ୍ଜନଗର କୁଲାଡ଼ ରୋଡ଼ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ରାଜଯୋଗ ଦ୍ୱାରା ଖୁସି ଓ ଶାନ୍ତିମୟ ଜୀବନ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ମାଉଁଟଂଆବୁରୁ ଆସିଥିବା ଜ୍ଞାନମୃତ ପତ୍ରିକାର ସମ୍ପାଦିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଉର୍ମିଳା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନୁଷ୍ୟ କର୍ମମୟ ଜୀବନରୁ କିଛି ସମୟ ବାହାର କରି ରାଜଯୋଗ କରିବାର ଆବଶ୍ୟକତା ରହିଛି । ବାହ୍ୟବସ୍ତୁକୁ ତ୍ୟାଗକରି ଆତ୍ମାର ଗୁଣକୁ ଧାରଣ କରିବା ସହ ରାଜଯୋଗ ଦ୍ୱାରା ଆତ୍ମାକୁ ଶାନ୍ତି ମିଳିଥାଏ । ଏଥିପ୍ରତି ସମସ୍ତେ ସଚେତନ ହେବାପାଇଁ ଉର୍ମିଳା ଆହ୍ୱାନ କରିଥିଲେ । ଭଞ୍ଜନଗର ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ରମେଶ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆସିକା କେନ୍ଦ୍ର ସଚଂାଳିକା ଭଗ୍ନି ପ୍ରଭାତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଭଞ୍ଜନଗର କେନ୍ଦ୍ର ସଚଂାଳିକା ଭଗ୍ନି ବ୍ରହ୍ମାକୁମାରୀ ସନ୍ତୋଷିନି ସଭାକୁ ସଂଯୋଜନା କରିଥିଲେ। ବ୍ରହ୍ମାକୁମାରୀ ମନିସା ଓ ସ୍ମୃତି ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବାହ୍ୟବସ୍ତୁକୁ ରପିତ୍ୟାଗ କରି ଆତ୍ମାର ଗୁଣକୁ ଧାରଣ କଲେ ଖୁସି ଓ ଶାନ୍ତି ମିଳିବ।

## ବଲସକୁମ୍ପାରେ ଭୋଟର ସଚେତନତା କାର୍ଯ୍ୟକ୍ରମ

**ଖଜୁରିପଡା, ୨୭।୩(ଡି.ଏନ୍.ଏ.)**




ନାଟକ ମାଧ୍ୟମରେ ରଥ ଗ୍ରାମ ପରିକ୍ରମା କରୁଛି।

ବଲସକୁମ୍ପା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଭୋଟରମାନଙ୍କୁ ସଚେତନ କରିବା ପାଇଁ ସଚେତନତା ରଥ ପରିକ୍ରମା କରୁଛି। ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ରଥ ପାଲା, ନାଟକ ମାଧ୍ୟମରେ ଲୋକଙ୍କୁ ଭୋଟ ଦେବାକୁ ସଚେତନ କରୁଛି। ବ୍ଲକର ଲକ୍ଷ୍ମୀ ନାରାୟଣ କଳା ସଂସ୍କୃତି ପରିଷଦ ପକ୍ଷରୁ ଖଲିବେରେଣାର କଳାକାର ସରୋଜ କୁମାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆସନ୍ତାମାସ ୧୮ରେ ଭୋଟ ହେବ। ଭୋଟରମାନେ ପରିଚୟପତ୍ର ସହ ଯାଇ ଭୋଟ ଦେବାକୁ ସଚେତନତା କରାଯାଇଥିଲା। ଏଥିସହ କୌଣସି ଦଳର ପ୍ରଲୋଭନରେ କିମ୍ବା ଅର୍ଥରେ ପ୍ରଭାବିତ ନ ହେବାକୁ ସଚେତନ କରାଯାଇଥିଲା।

## ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଆସିକା, ୨୭।୩ (ଡି.ଏନ୍.ଏ)**

ଆସିକା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ଏହି ସମ୍ପର୍କରେ ବୁଧବାର ସଂଘ ପକ୍ଷରୁ ସ୍ଥାନୀୟ ଅତିରିକ୍ତ ଜିଲା ଜଜ୍, ସିଭିଲ ଜଜ୍ ସିନିୟର ଡିଭିଜନ, ସିଭିଲ ଜଜ୍ ଜୁନିୟର ଡିଭିଜନ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆସିକାରେ ରାଜସ୍ୱ ସବ୍ ଡିଭିଜନ ପ୍ରତିଷ୍ଠା, ଆସିକା ପୋଲିସ ଜିଲା ଗଠନ ଓ ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ସହ ଅନ୍ୟାନ୍ୟ ଦାବି ନେଇ କାର୍ଯ୍ୟବନ୍ଦ କରାଯାଉଥିବା କୁହାଯାଇଛି। ତେବେ ଏହି ଦାବି ସମୂହକୁ ନେଇ ୨୦୦୭ରୁ ଆସିକା ଓକିଲ ସଂଘ ପକ୍ଷରୁ ପ୍ରତ୍ୟେକ ମାସର ଶେଷ ଶୁକ୍ରବାର ଓ ଶନିବାର ଲଗାତର ଭାବେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଥିଲେ ମଧ୍ୟ ଏହାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ଓକିଲ ସଂଘ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା ପ୍ରକାଶ କରିଛନ୍ତି ।

## ଧରାକୋଟ, ଫ୍ଲାଇଂ ସ୍କ୍ୱାଡ୍‌ର ପାଟ୍ରୋଲିଂ

**ଧରାକୋଟ, ୨୭।୩(ଡି.ଏନ.ଏ.)**

ଆସନ୍ତା ନିର୍ବାଚନରେ ଆଦର୍ଶ ଆଚରଣ ବିଧି ପାଳନ, ଏହାର କାର୍ଯ୍ୟକାରିତାକୁ ନେଇ ଧରାକୋଟ ତହସିଲଦାର ତଥା ମାଜିଷ୍ଟ୍ରେଟ ଗଦାଧର ପାତ୍ରଙ୍କ ନେତୃତ୍ୱରେ ଏକ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାର୍ଡରେ ପୋଲିସ କର୍ମଚାରୀଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀ ରହିଛନ୍ତି। ଏହି ସ୍କ୍ୱାର୍ଡ ଧରାକୋଟ ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଟ୍ରୋଲିଂ କରିବା ସହ ବିଭିନ୍ନ ଅଞ୍ଚଳରେ ଖାନତଲାସି, ବିଳମ୍ବିତ ରାତିରେ ଯାଉଥିବା ଗାଡି ତଥା କାର୍ ଓ ବାଇକ୍‌ଗୁଡିକର ଯାଞ୍ଚ କରାଯାଉଛି। ନିର୍ବାଚନ ପାଇଁ ଯାଉଥିବା ବେଆଇନ ଟଙ୍କା ଓ ନିଶାଦ୍ରବ୍ୟ ଚାଲାଣକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଗତ ରାତିସାରା ୫୯ନଂ. ଜାତୀୟ ରାଜପଥ ଧରାକୋଟ ଜଗନ୍ନାଥ ମନ୍ଦିର ସମ୍ମୁଖ ବିଭିନ୍ନ ସ୍ଥାନରେ ରୋଡ ବ୍ଲକିଂ କରାଯାଇ ଯାଞ୍ଚ କଡାକଡି କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆଇନଶୃଙ୍ଖଳା ପରିସ୍ଥିତି ଯେପରି ବ୍ୟାଘାତ ନ ହୁଏ ସେଥିପ୍ରତି ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମାଜିଷ୍ଟ୍ରେଟ ପାତ୍ର ପ୍ରକାଶ କରିଛନ୍ତି। ଏହି ଚଢାଉ ବେଳେ ସ୍ଥାନୀୟ ଶିକ୍ଷାଧିକାରୀ ରବୀନ୍ଦ୍ର ପଣ୍ଡା, ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ଧରାକୋଟ ତହସିଲଦାର ଗଦାଧର ପାତ୍ର ଓ ଅନ୍ୟମାନେ ପାଟ୍ରୋଲିଂ କରୁଛନ୍ତି।

■ ଭାବିନାରାୟଣପୁରରେ ବଢୁଛି ରାଜନୈତିକ ଉଷ୍ମତା

## ଦୁଇ ଦଳ ମଧ୍ୟରେ ଛକାପଞ୍ଝା

**ଗୋପାଳପୁର, ୨୭।୩**

ସାଧାରଣ ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ସେହିପରି ଭାବରେ ଗୋପାଳପୁର ଭାବିନାରାୟଣପୁରରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ଗୋପାଳପୁର ଥାନା ଅନ୍ତର୍ଗତ ଭାବିନାରାୟଣପୁର ଗ୍ରାମରେ ଗତ ଶୁକ୍ରବାର, ଶନିବାର ଦୁଇ ପ୍ରମୁଖ ଦଳର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଥାନାରେ ୪ଟି ମାମଲା ରୁଜୁ ହୋଇଛି । ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟମାନଙ୍କୁ ଗିରଫ କରିପାରିନାହିଁ। ବର୍ତ୍ତମାନ ଗ୍ରାମରେ ପରିସ୍ଥିତି ସ୍ୱାଭାବିକ ହୋଇ ନାହିଁ। ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହି ଭିତିରିଆ ରଣନୀତି ଚଳାଇଛନ୍ତି। ସୂଚନାନୁସାରେ, କିଛିମାସ ହେଲା ଗ୍ରାମ କୋଠଘର ଜମା ଟଙ୍କାକୁ ନେଇ ଦୁଇ ପ୍ରମୁଖ ଦଳର ସମର୍ଥକଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ଗୋଟିଏ ଗୋଷ୍ଠୀ କୋଠଘର ଟଙ୍କା ବୁଝାସୁଝା କରୁଥିବା ବେଳେ ଅନ୍ୟ ଗୋଷ୍ଠୀ ଏହାକୁ ବାରଣ କରି ଦାୟିତ୍ୱ ନେବା ପାଇଁ ଲବି ଆରମ୍ଭ କରିଛନ୍ତି। ବର୍ତ୍ତମାନ ପୋଲିସ ଆଗୁଆ ପଦକ୍ଷେପ ନ ନେଲେ କେଉଁ ପରିସ୍ଥିତିରେ ଅଘଟଣ ଘଟିବ ସେନେଇ ସାଧାରଣରେ ଆଲୋଚନା ହେଉଛି। ଏନେଇ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ସହ ଯୋଗାଯୋଗ କରିବାରେ ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଗ୍ରାମରେ ଯେଭଳି ଶାନ୍ତି ବଜାୟ ରହିବ ତା'ର ବ୍ୟବସ୍ଥା କରାଯାଇଛି। ସେହିପରି ପାଟ୍ରୋଲିଂକୁ ମଧ୍ୟ କଡ଼ାକଡ଼ି କରାଯିବା ସହ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି। ଗ୍ରାମରେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ମହନ୍ତ ସୂଚନା ଦେଇଛନ୍ତି।

## ମୋବାଇଲ ଦୋକାନରୁ ଚୋରି

**ଗଞ୍ଜାମ, ୨୭।୩(ଡି.ଏନ.ଏ.)**

ଗଞ୍ଜାମ ସହର ବଡ଼ବଜାରସ୍ଥିତ ଏକ ମୋବାଇଲ ଦୋକାନରୁ ସୋମବାର ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଫୋନ ଓ କମ୍ପ୍ୟୁଟର ଚୋରି ହୋଇଛି। କେହି ଦୁର୍ବୃତ୍ତ କବାଟ ଓ ଝରକା ତାଡ଼ି ଏପରି ଲୁଟ କରିଛନ୍ତି ବୋଲି ଦୋକାନ ମାଲିକ ଟୁନା ଦାସ ଗଞ୍ଜାମ ଥାନାରେ ଏତଲା ଦେଇଛନ୍ତି।

## ଭାଜପା କର୍ମୀ ସମ୍ମିଳନୀ

**କୁକୁଡ଼ାଖଣ୍ଡି, ୨୭।୩(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ମହୁରୀକାଳୁଆ ପୀଠରେ ବୁଧବାର ଭାଜପାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭାଜପା ପ୍ରାର୍ଥୀ ପିଙ୍କି ପ୍ରଧାନ ଏବଂ ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏହି କର୍ମୀ ସମ୍ମିଳନୀର ଡ଼ାକରା ଦେଇଥିଲେ। ସ୍ଥାନୀୟ ନିର୍ବାଚନମଣ୍ଡଳୀ ସମସ୍ତ ଜୋନ ସଭାପତି, ଶତାଧିକ କର୍ମୀ, ଅଞ୍ଚଳର ଆଗଧାଡ଼ିର ନେତୃବୃନ୍ଦ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସାଧାରଣ ନିର୍ବାଚନରେ ବିରୋଧୀଙ୍କୁ କିଭଳି ମୁକାବିଲା କରିବେ, ରଣକୌଶଳ ପ୍ରସ୍ତୁତ, ବୁଥସ୍ତରରେ କିଭଳି ମଜଭୁତ ହେବ, ଅଧିକରୁ ଅଧିକ କର୍ମୀ ଯୋଗାଡ଼ ଏବଂ ଶେଷରେ କିଭଳି ବିଜୟୀ ହେବେ ସେ ବିଷୟରେ ପିଙ୍କି ପ୍ରଧାନ ଓ ଭୃଗୁ ବକ୍ସିପାତ୍ର ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନଜା ପଣ୍ଡା, ପରେଶ ରଥ, କେ. ଫିରୋଜ ରାଓ, ଅନନ୍ତ ମହାନ୍ତି, ଅଦଲ ନନ୍ଦକିଶୋର, ରବି ବରାଡ଼, ରାକେଶ କୁମାର ପଣ୍ଡା ଓ ବାପି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



ଭାଜପା ଏମ୍‌ପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଉଦ୍‌ବୋଧନ ଦେଉଛନ୍ତି ।

## ଜଙ୍ଗଲ ଅଧିକାର ଆଇନ ସଚେତନତା କର୍ମଶାଳା

**ଜି.ଉଦୟଗିରି, ୨୭।୩(ଡି.ଏନ.ଏ.)**




କର୍ମଶାଳାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଜି.ଉଦୟଗିରି ରଟିଙ୍ଗିଆ ପଞ୍ଚାୟତରେ ସ୍ନେହ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଜଙ୍ଗଲ ଅଧିକାର ଆଇନ ସମ୍ପର୍କୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବରିଷ୍ଠ ନାଗରିକ, ୱାର୍ଡମେମ୍ବର, ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଦଳର ସଦସ୍ୟମାନେ ଯୋଗଦେଇ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଆଇନ ସମ୍ପର୍କରେ ନିଜ ନିଜର ମତାମତ ଦେଇଥିଲେ। ସ୍ନେହ ସଂଯୋଜକ ବିଜୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ନୀଳମାଧବ ପାତ୍ର ଜଙ୍ଗଲ ଅଧିକାର ଆଇନ ୨୦୦୬ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସିନ୍ଧୁରାଜ ପ୍ରଧାନ ଓ ବିମଳା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

## ଦୁଇ ଥାନା ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

**ଗୋପାଳପୁର, ୨୭।୩**

ଗୋପାଳପୁର ନିର୍ବାଚନ ମଣ୍ଡଳୀର ଗୋଳନ୍ଥରା ଓ ଗୋପାଳପୁର ଥାନା ପକ୍ଷରୁ ୮ଟି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଗୋଳନ୍ଥରା ଥାନାଧିକାରୀ ବାବୁଲି ନାୟକ ଓ ସିଆଇଏସ୍‌ଏଫ୍ ଯବାନମାନେ କୋଠାରସିଙ୍ଗ, ମନ୍ତ୍ରିଡ଼ି ଓ କନିଷି ଗ୍ରାମଗୁଡ଼ିକରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ସେହିପରି ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ନୂଆବକ୍ସିପଲ୍ଲୀ, ବନ୍ଥପଲ୍ଲୀ, ଭାବିନାରାୟଣପୁର, ଦିଗିପୁର ଓ ଭେଙ୍କେଟରାୟପୁର ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ ହୋଇଛି। ନିର୍ବାଚନକୁ ଶୃଙ୍ଖଳାର ସହ ଶେଷ କରିବା ପାଇଁ ପ୍ରସ୍ତୁତ ଚଳାଇବା ସହ ଗ୍ରାମରେ ଅପରାଧୀ ଓ ଅସାମାଜିକମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିବା ପୋଲିସ କହିଛି। ଗୋଳନ୍ଥରା ଅତିରିକ୍ତ ଇନ୍ସପେକ୍ଟର ବସନ୍ତ ସେଠୀ ଓ ଏଏସ୍‌ଆଇ ଗୋବିନ୍ଦ ମଲିକ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବୁଥ୍ ପରିବର୍ତ୍ତନ ନ ହେଲେ ଭୋଟ ବର୍ଜନ ନିଷ୍ପତ୍ତି

**କନିଷି, ୨୭।୩(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀ ରଙ୍ଗେଇଲୁଣ୍ଡା ବ୍ଲକ ନୂଆ ଗୋଳାବନ୍ଧ ଗ୍ରାମବାସୀ ଚଳିତ ନିର୍ବାଚନରେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ୨୨ଶହରୁ ଊର୍ଦ୍ଧ୍ୱ ଭୋଟର ରହିଥିବାବେଳେ ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଦୀର୍ଘବର୍ଷ ହେଲା ଭୋଟ ଦେଇ ଆସୁଥିଲେ। ଚଳିତ ବର୍ଷ ଏହି ବୁଥ୍ କୀର୍ତ୍ତିପୁରସ୍ଥିତ ଓଡିଆରପି ସାଇଡ୍ ଅଞ୍ଚଳକୁ ସ୍ଥାନାନ୍ତରିତ କରାଯାଇଛି।

### ନୂଆ ଗୋଳାବନ୍ଧ ଗ୍ରାମ

ସୂଚନାଯୋଗ୍ୟ ଗତ ୧୯୮୧-୮୨ ମସିହାରେ ଗୋଳାବନ୍ଧଠାରେ ଆର୍ମି ଏଡି କଲେଜ ସ୍ଥାପନ ପରେ ଗୋଳାବନ୍ଧ ଗ୍ରାମକୁ ସେଠାରୁ ସ୍ଥାନାନ୍ତର ନିମନ୍ତେ ସ୍ଥିର କରାଯିବା ସହ ଅନ୍ୟତ୍ର ଥଇଥାନ ଯୋଜନା କରାଯାଇଥିଲା। ଇତିମଧ୍ୟରେ ୩୭ ବର୍ଷ ବିତି ଯାଇଛି। ଏଠାରେ ରହୁଥିବା ଗ୍ରାମର ୧୦୦୮ ପରିବାରକୁ ଗତ ୨୦୧୩ ପରେ ଗ୍ରାମରୁ ୫ କିମି ଦୂର କୀର୍ତ୍ତିପୁରଠାରେ ଓଡିଆରପି ଗୃହ ନିର୍ମାଣ କରି ସେଠାକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ସେଠାରେ ଗୃହ ନିର୍ମାଣ ଶେଷ ହୋଇନାହିଁ। କିନ୍ତୁ ନିର୍ବାଚନ କମିଶନରଙ୍କ ପକ୍ଷରୁ ନୂଆ ଗୋଳାବନ୍ଧଠାରେ ଥିବା ୨ ମତଦାନ କେନ୍ଦ୍ରରେ କୀର୍ତ୍ତିପୁର ଗ୍ରାମବାସୀ ଭୋଟ ଦେବାକୁ ସ୍ଥିର ହୋଇଛି।

ଏନେଇ ହାତୀପାଦ ପଞ୍ଚାୟତର ସରପଞ୍ଚ କେ.ମାଧବଙ୍କ ସମେତ ଗ୍ରାମର ପି. ଶ୍ରବଣ, ଏ. ନାରାୟଣ, ଭି. ବାବୁରାଓ, ୱାର୍ଡସଭ୍ୟ ଏସ. ବୈରାଗୀ ପ୍ରମୁଖ ରାଜ୍ୟ ନିର୍ବାଚନ କମିଶନର, ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳ, ରଙ୍ଗେଇଲୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ନୂଆ ଗୋଳାବନ୍ଧ ଗ୍ରାମରେ ହିଁ ବୁଥ୍ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟଥା ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ନୂଆ ଗୋଳାବନ୍ଧ ଗ୍ରାମରୁ କୀର୍ତ୍ତିପୁର ଦୂରତା ୫ କିଲୋମିଟର। ଗତ କିଛିମାସ ହେଲା ଆର୍ମିଏଡି କଲେଜ ପକ୍ଷରୁ ସଂଯୋଗ ରାସ୍ତାକୁ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ କେବଳ ସେଠାକୁ ପାଦଚଲା ରାସ୍ତା ରହିଛି। ଅନ୍ୟପକ୍ଷରେ କୀର୍ତ୍ତିପୁର ଗ୍ରାମକୁ ଯିବା ପାଇଁ ପ୍ରାୟ ୩୦ କିଲୋମିଟର ରାସ୍ତା ବୁଲି ଯିବାକୁ ପଡିବ।

